## ସଂକ୍ଷେପରେ

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଅନୁଗୋଳ ଅଫିସ, ୨।୭:** ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ବଳରାମପ୍ରସାଦ ଅଞ୍ଚଳରେ ଥିବା ଏକ ସ୍ୱତନ୍ତ୍ର ବିଦ୍ୟାଳୟର କର୍ମଚାରୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ବିଦ୍ୟାଳୟ ସମ୍ପାଦିକାଙ୍କ ମନମୁଖି କାର୍ଯ୍ୟ ବିରୋଧରେ ସେମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ ପଦକ୍ଷେପ ନିଆଯାଉ ନ ଥିବାରୁ ଏହି ଗଣଧାରଣା ଦେଇଥିବା କର୍ମଚାରୀମାନେ କହିଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟର ସମ୍ପାଦିକା ଓ କର୍ମଚାରୀଙ୍କୁ ଆଲୋଚନା ପାଇଁ ଡକାଯାଇଥିଲା। ଅତିରିକ୍ତ ଜିଲାପାଳ(ସାଧାରଣ) ତପନ କୁମାର ଶତପଥୀଙ୍କ ନେତୃତ୍ୱରେ ଆଲୋଚନା ହୋଇଥିଲା। କିନ୍ତୁ କର୍ମଚାରୀମାନେ ଜିଲାପାଳଙ୍କୁ ଭେଟିବାକୁ ଚାହିଁଥିଲେ ହେଁ ଅନୁମତି ମିଳି ନ ଥିଲା। ଫଳରେ କର୍ମଚାରୀମାନେ ଧାରଣାରେ ବସି ରହିଥିବା ସୂଚନା ମିଳିଛି।

### ନାବାଳିକା ବିବାହ ରୋକିଲା ପ୍ରଶାସନ

**ଅନୁଗୋଳ ଅଫିସ, ୨।୭:** ଅନୁଗୋଳ ସହର ଉପକଣ୍ଠରେ ଶୁକ୍ରବାର ଏକ ନାବାଳିକା ବିବାହ ରୋକିଛି ପ୍ରଶାସନ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସହର ଉପକଣ୍ଠରେ ଆସନ୍ତା ୧୨ ତାରିଖରେ ଏକ ନାବାଳିକାଙ୍କ ବିବାହ ପାଇଁ ପ୍ରସ୍ତୁତି ସରିଥିଲା। ଝିଅର ବୟସ ୧୫ ବର୍ଷ ୯ ମାସ ହୋଇଥିବାବେଳେ ତାଙ୍କ ବିବାହ ଢେଙ୍କାନାଳ ଜିଲାରେ ସ୍ଥିର ହୋଇଥିଲା। ଏ ନେଇ ପ୍ରଶାସନ ନିକଟରେ ଖବର ପହଞ୍ଚିବା ପରେ ଆଇସିଡିଏସ୍ ସୁପର ଭାଇଜର ରୀତା ପ୍ରଧାନଙ୍କ ସହ ସ୍ଥାନୀୟ ଅଙ୍ଗନୱାଡି କର୍ମୀ, ଚାଇଲ୍ଡ ଲାଇନ୍ କାଉନସେଲର ପୂଜା ସ୍ୱାଇଁ ଓ ଟିମ୍ ମେମ୍ବର ଗିରିଜା ନନ୍ଦନ ସାହୁ ନାବାଳିକାଙ୍କ ଘରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଇଥିଲେ। ଝିଅର ବୟସ ୧୮ ପାର ହେବା ପରେ ବିବାହ କରାଇବାକୁ ପ୍ରସ୍ତାବ ଦେଇଥିଲେ। ଏଥିରେ ନାବାଳିକାଙ୍କ ପରିବାର ଲୋକ ରାଜି ବୋଲି ଲିଖିତ ଭାବେ ଦେଇଥିବା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ପ୍ରକାଶ କରିଛନ୍ତି।

### ଚୋରି ସାମଗ୍ରୀ ଜବତ: ୪ ଗିରଫ




**ତାଳଚେର,୨।୭(ନି.ପ୍ର.):** ତାଳଚେର ଥାନା ଅନ୍ତର୍ଗତ ବିନ୍ଦଲ କମ୍ପାନୀରୁ ଗତ ଗୁରୁବାର ପୁରୁଣା ଲୁହା, କପର ତାର ଚୋରି ହୋଇଥିଲା। ଏହି ଘଟଣାରେ ଶୁକ୍ରବାର ତାଳଚେର ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସୁନାଖଣି ଗ୍ରାମର ଡାକ୍ତର ପ୍ରଧାନ (୪୦), ଏକଘରିଆ ଗ୍ରାମର ରଞ୍ଜନ ବେହେରା (୫୦), ରାଜେନ୍ଦ୍ର ବେହେରା (୩୫) ଓ ସୁଦର୍ଶନ ବେହେରା (୩୦)। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରାଯାଇଛି। ଆଇଆଇସି ସତ୍ୟବ୍ରତ ରାଉତ, ଏସ୍ଆଇ ମନୋହର ପାତ୍ର ବିଭିନ୍ନ ଜାଗାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ଏ ନେଇ ନଂ. ୨୫୬/୨୧ରେ ମାମଲା ରୁଜୁ ହୋଇଛି।

### ଯୁବକଙ୍କ ମୃତଦେହ ଜବତ

**କଣିହାଁ,୨।୭(ଡି.ଏନ୍.ଏ.):** କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍ ତଳମୁଣ୍ଡରେ ଗାଧୋଇବା ବେଳେ ଗୁରୁବାର ଭାସିଯାଇଥିବା ଶରଧାପୁର ଗ୍ରାମର ଟିକନ ମହାନ୍ତିଙ୍କ ମୃତଦେହ ଶୁକ୍ରବାର ଜବତ ହୋଇଛି। କଣିହାଁ ଅଗ୍ନିଶମ ବିଭାଗ କର୍ମଚାରୀ ଡ୍ୟାମ୍ ତଳମୁଣ୍ଡର ୨ କି.ମି. ଦୂର ପୋଡ଼ାଗଡ଼ ଗ୍ରାମ ଏରିଆରୁ ଭାସମାନ ଅବସ୍ଥାରେ ମୃତଦେହ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

### ଡିଜେଲ ଚୋରି ଉଦ୍ୟମ : ଖଣିରୁ ୨ ଗିରଫ

**ତାଳଚେର,୨।୭(ନି.ପ୍ର.):** ତାଳଚେର ଥାନା ଲିଙ୍ଗରାଜ କୋଇଲା ଖଣି ମଧରୁ ଡିଜେଲ ଚୋରି କରିବାକୁ ୨ ଜଣ ଯୁବକ ପ୍ରବେଶ କରୁଥିବାବେଳେ ତାଳଚେର ପୋଲିସ ସେମାନଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଲୋଧଣୀ ଗ୍ରାମର ବୀରେନ୍ ସାହୁ ଓ ସିପୁ ସାହୁ। ପୋଲିସ କହିଛି, ବୀରେନ ଓ ସିପୁ ଗୁରୁବାର ବିଳମ୍ବିତ ରାତିରେ ଏକ ବୋଲେରୋରେ ଖାଲି ଜାରକିନ ନେଇ ଲିଙ୍ଗରାଜ କୋଇଲା ଖଣି ମଧକୁ ପ୍ରବେଶ କରୁଥିଲେ। ତାଳଚେର ଟାଉନ୍ ଥାନା ପୋଲିସ୍ ଖବରପାଇ ଚଢାଉ କରିଥିଲା। ଏ ନେଇ ନଂ. ୨୫୮/୨୧ରେ ମାମଲା ରୁଜୁ ହୋଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ସମିତି ବଢ଼ାଉଛି ବିହନ ସମସ୍ୟା

**ପାଲଲହଡ଼ା,୨।୭(ଦିବ୍ୟଜ୍ୟୋତି ଦାଶ)**

- ଜିଲାରେ ଗଚ୍ଛିତ, ପାଲଲହଡ଼ା ଉପଖଣ୍ଡରେ ନିଅଣ୍ଟ
- ଆବଶ୍ୟକତାର ୨୫ ପ୍ରତିଶତ ଅଣାଯାଇଛି
- ଅଭାବ ଯୋଗୁ ଚଢ଼ା ଦରରେ କିଣୁଛନ୍ତି ଚାଷୀ



ଚାଷ ପାଇଁ ସଜବାଜ ହେଉଥିବା ଚାଷୀ ପାଇବେ ଧାନ ବିହନ। ଚଳିତବର୍ଷ ଏଥିପାଇଁ ଆଗୁଆ ବ୍ୟବସ୍ଥା କରାଯାଇଛି। ଗୋଟିଏ ପରିବର୍ତ୍ତେ ଦୁଇଟି ଗୋଦାମରୁ ଯୋଗାଣ ହୋଇଛି। ଅତୀତର ତ୍ରୁଟି ଆଉ ଦୋହରାଯିବ ନାହିଁ ବୋଲି ଅନୁଗୋଳ ଜିଲା କୃଷି ବିଭାଗ କହୁଥିବା ବେଳେ ପାଲଲହଡ଼ା ଉପଖଣ୍ଡରେ ବିହନ ନିଅଣ୍ଟିଆ ସ୍ଥିତି ସୃଷ୍ଟି ହୋଇଛି। ଫଳରେ ଏଠାକାର ଚାଷୀ ଅଣପଞ୍ଜୀକୃତ ବ୍ୟବସାୟିକ ସଂସ୍ଥାଠାରୁ ଚଢ଼ା ଦରରେ ଧାନ ବିହନ କିଣିବାକୁ ବାଧ ହେଉଛନ୍ତି। ବ୍ଲକରେ ଥିବା ୧୧ଟି କୃଷି ସମବାୟ ସମିତି ପ୍ରକୃତ ଆବଶ୍ୟକତା ସମ୍ପର୍କରେ ନ ବୁଝି ଚାହିଦାର ମାତ୍ର ୨୫ ପ୍ରତିଶତ ବିହନ ଆଣିଥିବାରୁ ସମସ୍ୟା ବଢ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ପାଲଲହଡ଼ା ଉପଖଣ୍ଡ ଏକ କୃଷି ବହୁଳ ଅଞ୍ଚଳ। ପରିବା, କଦଳୀ, ତରଭୁଜ ଚାଷ ଉପରେ ଏଠାକାର ଚାଷୀ ଜୋର୍ ଦେଉଥିଲେ ମଧ ପ୍ରମୁଖ ସ୍ଥାନରେ ରହିଛି ଧାନ। ଉପଖଣ୍ଡର ପ୍ରାୟ ୧୦ ହଜାର ୫୧୦ ହେକ୍ଟର ଜମିରେ ଚଳିତବର୍ଷ ଧାନ ଚାଷ ହେବ। ଏଥିପାଇଁ ୪ ହଜାର ୫୦୦ କୁଇଣ୍ଟାଲ ବିହନ ଚାଷୀଙ୍କ ନିକଟରେ ପହଞ୍ଚିବା କଥା। କିନ୍ତୁ ଉପଖଣ୍ଡରେ ଥିବା ୧୧ଟି ସମବାୟ ସମିତି ଚଳିତ ବର୍ଷ ମାତ୍ର ୧୧୨୦ କୁଇଣ୍ଟାଲ ଧାନ ବିହନ ବିକ୍ରି ପାଇଁ ଆଣିଥିବା ବେଳେ ବେସରକାରୀ ଭାବେ ଜଣେ ମାତ୍ର ବ୍ୟବସାୟୀ ୫୧.୫୦ କୁଇଣ୍ଟାଲ ବିହନ ଆଣିଛନ୍ତି। ସେହିପରି ବ୍ଲକ କୃଷି ବିଭାଗ ପକ୍ଷରୁ ବିହନ ପ୍ରସ୍ତୁତ ନିମନ୍ତେ ପାଖାପାଖି ୧୨୦ କୁଇଣ୍ଟାଲ ଯୋଗାଇ ଦିଆଯାଇଛି। ଚାଷୀଙ୍କ ଆବଶ୍ୟକତା ତୁଳନାରେ ଏହା ମାତ୍ର ୨୫ ପ୍ରତିଶତ ହୋଇଥିବାରୁ ସପ୍ତାହେ ମଧରେ ସମିତିରୁ ବିହନ ଶେଷ ହୋଇଯାଇଛି। ଫଳରେ ବାରମ୍ବାର ସମିତିକୁ ଧାଉଁଥିଲେ ମଧ ଚାଷୀଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି। ସରକାର ଧାର୍ଯ୍ୟ କରିଥିବା ଦର ଅନୁଯାୟୀ ପିଣ୍ଡ ଧାନ (ଫାଉଣ୍ଡେଶନ) କୁଇଣ୍ଟାଲ ପ୍ରତି ୩୦୫୩ ଟଙ୍କା, ପ୍ରାମାଣିକ (ସାର୍ଟିଫାଏଡ) ବିହନ ୧୦ ବର୍ଷରୁ ଉର୍ଦ୍ଧ୍ୱ ପାଇଁ ୧୯୫୦ ଟଙ୍କା ଏବଂ ୧୦ ବର୍ଷରୁ କମ୍ କିସମ ପାଇଁ ୨୨୮୦ ଟଙ୍କା ବିକ୍ରୟ ମୂଲ୍ୟ ରଖାଯାଇଛି। କିନ୍ତୁ ଉପଖଣ୍ଡରେ ବିହନ ନ ଥିବାରୁ ଏହାର ସୁଯୋଗ ନେଉଛନ୍ତି ଅଣପଞ୍ଜୀକୃତ ବିହନ ବ୍ୟବସାୟିକ ସଂସ୍ଥା। ସେମାନେ ସରକାରୀ ଦର ଠାରୁ ୩ରୁ ୪ ଗୁଣ ଅଧିକା ଦରରେ ବିହନ ବିକ୍ରି କରୁଛନ୍ତି। ସରକାରୀ ଭାବେ ପିଣ୍ଡ ଧାନ ବା ପ୍ରାମାଣିକ ଧାନ ବିହନ ବିକ୍ରୟ ପାଇଁ ଉପଯୁକ୍ତ ଥିବାବେଳେ ଅଣପଞ୍ଜୀକୃତ ସଂସ୍ଥା ଭରସାଯୋଗ୍ୟ (ଟ୍ରୁଥ୍ ଲେବୁଲ) କିସମ ନାଁରେ ବିଭିନ୍ନ ବେସରକାରୀ ସଂସ୍ଥାର ପଞ୍ଜୀକରଣ ଦେଖାଇ କୁଇଣ୍ଟାଲ ପ୍ରତି ୪୨୫୦ ଟଙ୍କାରୁ ଆରମ୍ଭ କରି ୭୦୦୦ ଟଙ୍କାରେ ବିହନ ବିକ୍ରି କରୁଛନ୍ତି। ଏହାବାଦ ସଙ୍କର ଜାତୀୟ ବିହନ କିଲୋଗ୍ରାମ ପ୍ରତି ୩୦୦ ରୁ ୪୦୦ ଟଙ୍କା ନେଉଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି। ଏ ଦିଗରେ ଜିଲା କୃଷି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଉପଖଣ୍ଡର ଚାଷୀମାନେ ଦାବି କରିଛନ୍ତି।

#### ସୋସାଇଟି ସମ୍ପୂର୍ଣ୍ଣ ବିଫଳ



ପାଲଲହଡ଼ା ଉପଖଣ୍ଡର ଚାଷୀମାନଙ୍କ ପାଇଁ କେତେ ବିହନର ଆବଶ୍ୟକତା ରହିଛି ତାହା କେବେ ଏଠାକାର ସୋସାଇଟି ବୁଝିନାହିଁ। ତେଣୁ କମ୍ ପରିମାଣର ବିହନ ଅଣାଯାଉଥିବାରୁ ଚାଷୀମାନେ ବାଧ ହୋଇ ଅଣପଞ୍ଜୀକୃତ ସଂସ୍ଥାଠାରୁ ଚଢ଼ା ଦରରେ ବିହନ କିଣୁଛି।

- ନୀଳାମ୍ବର ପ୍ରଧାନ, ଚାଷୀ, ପାଲଲହଡ଼ା

#### କୃଷି ବିଭାଗ ନୀରବଦ୍ରଷ୍ଟା



ପାଲଲହଡ଼ାରେ ଥିବା ୧୧ଟି ସମବାୟ ସମିତି ଚାଷୀମାନଙ୍କୁ ଆବଶ୍ୟକ ପରିମାଣର ଧାନ ବିହନ କି ସାର କେବେ ଯୋଗାଇ ପାରୁନି। ଏଠାରେ କୃଷି ବିଭାଗ କାର୍ଯ୍ୟାଳୟ ଥିଲେ ବି ନ ଥିଲା ଭଳି। କାରଣ ଅଫିସକୁ ଯୋଗାଯୋଗ କଲେ କିଛି ଜାଣିନୁ ବୋଲି ଉତ୍ତର ମିଳୁଛି।

ଦୁଷ୍ମନ୍ତ କୁମାର ପ୍ରଧାନ, ଚାଷୀ, ପାଲଲହଡ଼ା

#### ଗ୍ରାମସେବକମାନେ ତଥ୍ୟ ଦେଉନାହାନ୍ତି



ଗ୍ରାମସେବକମାନେ ଚାଷୀମାନଙ୍କ ସହ ବିହନ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ପ୍ରତିବର୍ଷ ସମବାୟ ସମିତିକୁ ପ୍ରକୃତ ତଥ୍ୟ ଦେବା କଥା, ଯାହା ସେମାନେ କରୁନାହାନ୍ତି। ତେଣୁ ଗତବର୍ଷ ଗୁଡ଼ିକରେ ମଗାଯାଇଥିବା ବିହନ ଅନୁପାତରେ ବିହନ ଅଣାଯାଉଛି। ଏହାଛଡ଼ା ବଳକା ରହିଲେ ସମିତି ସମ୍ପାଦକଙ୍କୁ ଦାୟୀ କରାଯାଉଛି। ସେଥିପାଇଁ ଏପରି ଅସୁବିଧା ଉପୁଜୁଛି।

-ସୁଶୀଲ କୁମାର ପ୍ରଧାନ, ସମ୍ପାଦକ
ବଡସଡ଼ା ଏବଂ ଶଙ୍ଖପୁର ସମବାୟ ସମିତି

#### ପର୍ଯ୍ୟାପ୍ତ ପରିମାଣର ବିହନ ଅଛି



କୃଷି ସମବାୟ ସମିତି ପକ୍ଷରୁ ଯେତିକି ଧାନ ବିହନ ଯୋଗାଣ ପାଇଁ କୁହାଯାଇଥିଲା ତାହା ଦିଆଯାଇଛି। ଜିଲାରେ ପର୍ଯ୍ୟାପ୍ତ ପରିମାଣର ବିହନ ଅଛି। କୌଣସି ସଂସ୍ଥା ଚଢ଼ା ଦରରେ ବିହନ ବିକ୍ରି କରିବା ଅନୁଚିତ। ଏ ନେଇ ଚାଷୀମାନଙ୍କ ନିକଟରୁ ଅଭିଯୋଗ ମିଳିଲେ ତଦନ୍ତ କରାଯିବ।

-ଆଶିଷ କୁମାର ପ୍ରଧାନ
ବିହନ ଉତ୍ପାଦନ ଅଧିକାରୀ, ଅନୁଗୋଳ

#### ଧାର୍ଯ୍ୟ ଦରଠାରୁ ଅଧିକ ନେବା ଅନୁଚିତ



ସମବାୟ ସମିତି ଓ ଜଣେ ଅନୁମତିପ୍ରାପ୍ତ ବ୍ୟବସାୟୀ ବିହନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ବ୍ୟତୀତ ଅନ୍ୟ କୌଣସି ସଂସ୍ଥା ବିହନ ବିକ୍ରି କରିବା କଥା ନୁହେଁ। ସରକାରୀ ଧାର୍ଯ୍ୟ ଦର ଠାରୁ ମଧ ଅଧିକା ନେବା ଅନୁଚିତ। କୌଣସି ସଂସ୍ଥା ଚଢ଼ା ମୂଲ୍ୟ ନେଉଥିଲେ ଚାଷୀମାନେ ଆମକୁ ଜଣାନ୍ତୁ।

-ଚନ୍ଦ୍ରମୋହନ ପାତ୍ର, ବ୍ଲକ କୃଷି ଅଧିକାରୀ, ପାଲଲହଡ଼ା

## ଆଜିଠାରୁ ଜିଲାରେ ଟିକାକରଣ

**ଅନୁଗୋଳ ଅଫିସ, ୨।୭**

ଟିକା ଅଭାବରୁ କିଛି ଦିନ ହେବ ଅନୁଗୋଳ ଜିଲାରେ ଟିକାକରଣ ବନ୍ଦ ରହିଥିଲା। ଶୁକ୍ରବାର ଜିଲାରେ ଟିକା ପହଞ୍ଚିଥିବାରୁ ଶନିବାର ଠାରୁ ଟିକାକରଣ କାର୍ଯ୍ୟ ପୁଣି ଆରମ୍ଭ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଟାଉନ ହଲ୍ ଠାରେ ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯିବ। ସେହିପରି ଅନ୍ୟ ୧୭ଟି ସ୍ଥାନକୁ ମିଶାଇ ୧ ହଜାର ୮୪୦ ଟିକା ପ୍ରଦାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଯେଉଁମାନେ ଚାକିରି ଓ ପାଠପଢ଼ିବା ପାଇଁ ବିଦେଶ ଯିବାର ଅଛି, ସେମାନେ ସକାଳ ୯ଟାରୁ ୧୦ଟା ମଧରେ ଆସି ଟିକା ନେଇପାରିବେ।

## ୯୧ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨।୭**

ଅନୁଗୋଳ ଜିଲାରୁ ଶୁକ୍ରବାର ୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୪୦ ହଜାର ୯୫୩ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧରେ ବଣ୍ଟାଁରପାଳ ବ୍ଲକରୁ ୧୫, ଆଠମଲ୍ଲିକ ବ୍ଲକରୁ ୧୧, ଛେଣ୍ଡିପଦା ବ୍ଲକରୁ ୧୧, କଣିହାଁ ବ୍ଲକରୁ ୧୦, କିଶୋରନଗର ବ୍ଲକରୁ ୧୦, ଅନୁଗୋଳ ବ୍ଲକରୁ ୯, ତାଳଚେର ବ୍ଲକରୁ ୭, ଅନୁଗୋଳ ପୌରାଞ୍ଚଳରୁ ୬, ପାଲଲହଡ଼ା ବ୍ଲକରୁ ୬, ଆଠମଲ୍ଲିକ ବ୍ଲକରୁ ୪ ଓ ତାଳଚେର ପୌରାଞ୍ଚଳରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୮୯ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଜଣଙ୍କର ମୃତ୍ୟୁ ହୋଇଥିବାରୁ ଜିଲାରେ ମୋଟ କରୋନା ମୃତକଙ୍କ ସଂଖ୍ୟା ୧୭୮ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ୨ ଯୁବକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକେଇ

**ଅନୁଗୋଳ ଅଫିସ, ୨।୭**

ଅନୁଗୋଳ ଜିଲାରେ ପୁଣି ସାଇବର ଠକ ଦୁଇ ଯୁବକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକେଇ କରିଛନ୍ତି। ପ୍ରକାଶ ଯେ, ଅମଲାପଡ଼ା ଅଞ୍ଚଳର ଜଣେ ଯୁବକଙ୍କ ନିକଟକୁ ଏକ ଫୋନ୍ କଲ ଆସିଥିଲା। ଯୁବକଙ୍କ ଏକ ବଡ଼ କମ୍ପାନୀରେ ଚାକିରି ହୋଇଥିବା ନେଇ ଠକ ଜଣଙ୍କ କହିଥିଲା। ଏଥିପାଇଁ ତାଙ୍କୁ ୧୦ ଟଙ୍କା ଏକ ଆକାଉଣ୍ଟକୁ ପଠାଇବାକୁ କୁହାଯାଇଥିଲା। ଯୁବକ ଜଣଙ୍କ ୧୦ ଟଙ୍କା ପଠାଇବା ପରେ ତାଙ୍କ ଆକାଉଣ୍ଟରୁ ତୁରନ୍ତ ୨୫ ହଜାର ୨୫୦ ଟଙ୍କା କଟି ଯାଇଥିଲା। ଠକାମିର ଶୀକାର ହେବା ସମ୍ପର୍କରେ ଜାଣିବା ପରେ ଏ ନେଇ ସେ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ନଂ. ୩୩୪/୨୧ରେ ମାମଲା ରୁଜୁ କରି ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ତଦନ୍ତ କରୁଥିବା ଜଣାପଡ଼ିଛି। ସେହିପରି ଶସ୍ତାରେ ଝୋଟ ଅଖା ବିକ୍ରି କରିବାକୁ କହି ଅନୁଗୋଳ ସଦର ଥାନା ଚନ୍ଦ୍ରବାହଳ ଗ୍ରାମର ଶ୍ରବଣ ରାଉତଙ୍କ ଠାରୁ ସାଇବର ଲୁଟେରାମାନେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୩୮୨/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ଗତ ମେ ମାସରେ ଶ୍ରବଣ ରାଜସ୍ଥାନରୁ ଅଖା କିଲୋଗ୍ରାମ ପିଛା ୩ ଟଙ୍କାରେ ପ୍ରଦାନ କରାଯିବ ବୋଲି ସାମାଜିକ ଗଣମାଧମରେ ଏକ ପୋଷ୍ଟ ଦେଖି ଯୋଗାଯୋଗ କରିଥିଲେ। ଏପରି କି ପ୍ରଥମ ଦଫାରେ ୩ ଟନ୍ ଅଖାପାଇଁ ଦେଢ଼ ଲକ୍ଷ ଟଙ୍କା ସେ ପୈଠ କରିଥିଲେ। ଏହାପରେ ବାଟରେ ଅଖାଗାଡ଼ିକୁ ପୋଲିସ ଧରିଥିବା କହି ଠକ ଜଣକ ଅବଶିଷ୍ଟ ଟଙ୍କା ମାଗିଥିଲେ। ଶ୍ରବଣ ଆଉ ୧ ଲକ୍ଷ ୪୦ ହଜାର ଟଙ୍କା ପଠାଇଥିଲେ। ତେବେ ଜୁନ୍ ଶେଷ ସୁଦ୍ଧା ଅଖା ନ ଆସିବାରୁ ସେ ସଦର ଥାନାର ଦ୍ୱାରସ୍ଥ ହୋଇଥିବା ଥାନା ଅଧିକାରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ଫସଲ ନଷ୍ଟ କରୁଛି ହାତୀ

**ବଇଣ୍ଡା,୨।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ କଣ୍ଟେଇକୋଳିଆ, ମଧପୁର, ଅଁଳାବେରେଣି, ବାଲିଆମ୍ବ ଆଦି ଗ୍ରାମରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ଛେଣ୍ଡିପଦା ଅଞ୍ଚଳରୁ ଆସିଥିବା ଏକ ଦନ୍ତା ହାତୀ ଗ୍ରାମରେ ପଶି ବ୍ୟାପକ ଚାଷ ନଷ୍ଟ କରୁଛି। ବହୁ ଚାଷୀଙ୍କ ଆମ୍ବ, ପଣସ ଗଛ ଭାଙ୍ଗି ନଷ୍ଟ କରିଦେଉଛି। କଣ୍ଟେଇକୋଳିଆ ଗ୍ରାମବାସୀ ହଣ୍ଡପା ବନ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କଲେ ମଧ କେହି ଶୁଣୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ବାଣ ଫୁଟାଇ ହାତୀ ଘଉଡାଉଛନ୍ତି। ତୁରନ୍ତ ବନବିଭାଗ ଉଚ୍ଚ ପଦଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ନେଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା କୁହନ୍ତି, ହାତୀ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତି ପୂରଣ ଯୋଗାଇ ଦିଆଯିବାକୁ ବ୍ୟବସ୍ଥା ହେଉଛି।

## ପୌରାଞ୍ଚଳରୁ ଜବରଦଖଲ ଉଚ୍ଛେଦ


ତାଳଚେର ସହରରୁ ଜବରଦଖଲ ଉଚ୍ଛେଦ ଚାଲିଛି।

**ତାଳଚେର,୨।୭(ନି.ପ୍ର.)**

ତାଳଚେର ପୌର ପ୍ରଶାସନ ପକ୍ଷରୁ ପୌରାଞ୍ଚଳର ବାଇପାସ ଛକଠାରୁ ହାଣ୍ଡିଧୂଆଁ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଗୁରୁବାର ଏ ନେଇ ନୋଟିସ୍ ଦିଆଯିବା ସହ ମାପ ନିଆ ଯାଇଥିଲା।

ପ୍ରକାଶ ଯେ, ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦୋକାନ ଦେଇଥିବା ବ୍ୟବସାୟୀମାନଙ୍କ ମଧ୍ୟରୁ କେତେଜଣ ଯଥେଷ୍ଟ ଆଗକୁ ମାଡି ଆସିଥିଲେ। ଫଳରେ ଡ୍ରେନ ଅବରୋଧ ଯୋଗୁ ବର୍ଷା ଜଳ ନିଷ୍କାସନରେ ସମସ୍ୟା ହେଉଥିଲା। ବାଇକ୍ ପାର୍କିଂରେ ମଧ ଅସୁବିଧା ହେଉଥିଲା। ତେଣୁ ସମସ୍ୟାର ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଉଚ୍ଛେଦ ବେଳେ ଉପଜିଲାପାଳ ବିଶ୍ୱରଞ୍ଜନ ରଥ, ପୌର ନିର୍ବାହୀ ଅଧିକାରୀ ରଶ୍ମିରେଖା ଅମାନ୍ତ ଓ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ତେବେ କରୋନା ସମୟରେ ପ୍ରଶାସନର ଏପରି ତରବରିଆ ନିଷ୍ପତ୍ତି ଦୁଃଖଦାୟକ ବୋଲି ତାଳଚେର ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ କହିଛନ୍ତି, ଟ୍ରାଫିକ ସମସ୍ୟା, ଡ୍ରେନ ସଫା ହୋଇ ନ ପରିବା ଓ ନୂଆ ଡ୍ରେନ ନିର୍ମାଣରେ ବାଧା ଉପୁଜୁଥିବାରୁ ଉଚ୍ଛେଦ କାର୍ଯ୍ୟ କରାଯାଇଛି।

## ପାନୀୟ ଜଳ ପାଇଁ ସାହିବାସୀଙ୍କ ଆନ୍ଦୋଳନ

**ବଣ୍ଟାଁରପାଳ,୨।୭(ଡି.ଏନ.ଏ.)**


ପାଣି ପାଇଁ ସାହିର ମହିଳାମାନେ ଆନ୍ଦୋଳନ କରୁଛନ୍ତି।

ବଣ୍ଟାଁରପାଳ ବ୍ଲକ ବଳରାମପ୍ରସାଦ ଅମାନ୍ତପୁର ସାହିରେ ଜଳସଙ୍କଟ ଦେଖାଦେଇଛି। ନାଲ୍କୋ ପକ୍ଷରୁ ଦିଆଯାଇଥିବା ପାଣି ପାଇପ୍‌କୁ ୫ ଦିନ ହେଲା କାଟି ଦିଆଯାଇଥିବାରୁ ପ୍ରତିବାଦରେ ଶୁକ୍ରବାର ସାହିର ବହୁ ମହିଳା ସିପିପି ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଉମାନାଥ ଚମ୍ପାନାଥ, ପ୍ରଭାତୀ ମହାପାତ୍ର, ପଳାଉ ମହାଖୁଡ଼, ଦୀପକ ସାହୁ ପ୍ରମୁଖ ସାମିଲ ଥିଲେ। ନାଲ୍କୋ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲେ ମଧ ସୁଫଳ ମିଳିନାହିଁ। ସିପିପି ପ୍ରଶାସନିକ ଅଧିକାରୀ ସୁନୀଲ କୁମାର ମହାପାତ୍ର କହିଛନ୍ତି, ସିଏସ୍ଆର୍ ଫଣ୍ଡରୁ ସାହିକୁ ଜଳ ଯୋଗାଣ ପାଇଁ ଆର୍‌ଡବ୍ଲ୍ୟୁଏସ୍ଏସ୍‌କୁ କାମ ଦିଆଯାଇଛି। ଏହାକୁ ଲୋକେ ବିରୋଧ କରିବା ସହ ନାଲ୍କୋ ପାଣି ଯୋଗାଉ ବୋଲି ଦାବି କରୁଥିବା ମହାପାତ୍ର କହିଛନ୍ତି।

## ଏନ୍ଏସି ନ କରିବାକୁ ଦାବି

**ଛେଣ୍ଡିପଦା,୨।୭(ସ୍ୱ.ପ୍ର.)**



ଛେଣ୍ଡିପଦାକୁ ଏନ୍ଏସି ଘୋଷଣା ନ କରିବା ପାଇଁ ଛେଣ୍ଡିପଦା ଗ୍ରାମ୍ୟ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଏନ୍ଏସି ଅଞ୍ଚଳ ପାଇଁ ଗାଁ ଲୋକ ଅମଙ୍ଗ ହେଉଛନ୍ତି। ଏନ୍ଏସି ହେଲେ ସେମାନଙ୍କୁ ଅଧିକ ପରିମାଣର ଟିକସ ଦେବାକୁ ପଡିବ। ତେଣୁ ସରକାର ଛେଣ୍ଡିପଦାକୁ ଏନଏସି ଘୋଷଣା ନ କରିବାକୁ ସେମାନେ ଦାବି କରିଛନ୍ତି। ଗ୍ରାମ୍ୟ କମିଟି ପକ୍ଷରୁ ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ଟ୍ରକ୍ ଧକ୍କାରେ ବୃଦ୍ଧା ମୃତ

**ବଣ୍ଟାଁରପାଳ,୨।୭(ଡି.ଏନ.ଏ.)**

ବଣ୍ଟାଁରପାଳ ବ୍ଲକ କୁକୁଡ଼ାଙ୍ଗ ପଞ୍ଚାୟତ ରଙ୍ଗାସିଙ୍ଗା ଗ୍ରାମରେ ଟ୍ରକ୍ ଧକ୍କାରେ ବିଜୁଳି ପ୍ରଧାନ(୬୫)ଙ୍କ ମୃତ୍ୟୁ ହୋଇଛି। ବିଜୁଳି ଗାଧୋଇବା ପାଇଁ ଯାଉଥିବାବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ପରିବାର ବର୍ଗ ଏବଂ ଗ୍ରାମବାସୀ ରାସ୍ତା ଉପରେ ମୃତଦେହ ରଖି କ୍ଷତିପୂରଣ ପାଇଁ ଦାବି କରିଥିଲେ। ଅନୁଗୋଳ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ଡାକ୍ତରଙ୍କ କାର୍ଯ୍ୟକୁ ପ୍ରଶଂସା

**କଣିହାଁ,୨।୭(ଡି.ଏନ.ଏ.)**

କଣିହାଁସ୍ଥିତ ଏନ୍‌ଟିପିସିଠାରେ ଗୁରୁବାର ଜାତୀୟ ଡାକ୍ତର ଦିବସ ପାଳିତ ହୋଇଛି। କମ୍ପାନୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ ନାଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଏମ୍ (ଓଆଣ୍ଡଏମ୍) ଏସ୍.ଏଚ. ଶିବମ ଶ୍ରୀବାସ୍ତବ, ସିଏମଓ ଡାକ୍ତର ଗୋଦାବରୀଶ ମହାକୁଡ, ଜିଏମ୍(ଏଚ୍ଆର୍) ରଜନୀଶ ରୋସ୍ତଗୀଙ୍କ ସମେତ ଡାକ୍ତରଖାନାର ଅନ୍ୟ ଡାକ୍ତର ଏବଂ ପାରାମେଡିକାଲ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏକ୍ସ–ସିଏମ୍ଓ ଡାକ୍ତର ଆର.କେ. ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଦୀପ ନାଗ ତାଙ୍କ ମୁଖ୍ୟ ଅଭିଭାଷଣରେ ସିଏମଓଙ୍କ ନେତୃତ୍ୱରେ ଡାକ୍ତରଖାନା ଦଳକୁ ପ୍ରଶଂସା କରିଥିଲେ।



ପୂର୍ବତନ ସିଏମ୍ଓ ଡାକ୍ତର ଆର.କେ. ମିଶ୍ରଙ୍କୁ ସମ୍ମାନିତ କରାଯାଉଛି।

## ବିଦ୍ୟୁତ୍ ସୁରକ୍ଷା ସପ୍ତାହ

**କଣିହାଁ,୨।୭(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଜଳ ବିଦ୍ୟୁତ୍ ନିଗମ ପକ୍ଷରୁ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାୱାର ହାଉସ ଓ ବିଦ୍ୟୁତ୍ ଷ୍ଟ୍ରକ୍ଚରଠାରେ ପାଳିତ ହେଇଯାଇଛି। ସକାଳେ ଓଏଚ୍‌ପିସି ଯନ୍ତ୍ରୀ, ଶ୍ରମିକ କର୍ମଚାରୀମାନେ ବିଦ୍ୟୁତ୍ ଷ୍ଟ୍ରକଚରଠାରୁ ଏକ ରାଲିରେ ବାହାରି ପାୱାର ହାଉସ ଓ ପରେ କଲୋନୀ ଅଞ୍ଚଳ ପରିକ୍ରମା କରି ବିଦ୍ୟୁତ୍ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। କାର୍ଯ୍ୟକ୍ରମରେ ସିନିୟର ଜେନେରାଲ ମ୍ୟାନେଜର ସୁବାସଚନ୍ଦ୍ର ପାତ୍ର, ସାଧାରଣ ପରିଚାଳକ ରୁଦ୍ରମୋହନ ନାୟକ, ଡିଜିଏମ ଗଣେଶ ରାମ ପଣ୍ଡା, ସରୋଜ କୁମାର ବୋହିଦାର, ଏଜିଏମ୍ ସୁବ୍ରତ କୁମାର ଷଡଙ୍ଗୀଙ୍କ ସମେତ ସମସ୍ତ ଯନ୍ତ୍ରୀ, ଶ୍ରମିକ କର୍ମଚାରୀ ଯୋଗ ଦେଇଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ଅନୁଗୋଳ ଅଫିସ/ତାଳଚେର ,୨।୭**


ସିଏସ୍ଓ ସ୍ମିତା ନାଏକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ଅନୁଗୋଳ ଜିଲା ଭାଜପା କୃଷକମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଯୋଗାଣ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଜିଲା ସଭାପତି ବିଜୟ ମାଝିଙ୍କ ନେତୃତ୍ୱରେ ଏହି ଘେରାଉ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସିଏସ୍ଓ ସ୍ମିତା ନାଏକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ଅଗସ୍ତି ବେହେରା, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଉପ ସଭାପତି ଅମିୟ ତ୍ରିପାଠୀ, ସମ୍ପାଦକ ନମିତା ବେହେରା, କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, କୃଷକନେତା ପ୍ରଶାନ୍ତ ପୃଷ୍ଟି, ପ୍ରବୀଣ ସାହୁ, ରତ୍ନାକର ପ୍ରଧାନ, ହେମନ୍ତ ପ୍ରଧାନ, ବିରଜା ପ୍ରଧାନ, ଅଜୟ ବେହେରା ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ତାଳଚେରସ୍ଥିତ ସହକାରୀ ଯୋଗାଣ ବିଭାଗ ଅଧିକାରୀ ରୋହିତ ଦାସଙ୍କୁ ଘେରାଉ କରାଯାଇଥିଲା। ଅଖା ଓ ସୁତୁଲି ପାଇ ନ ଥିବା ଚାଷୀଙ୍କୁ ତାହା ପ୍ରଦାନ କରାଯିବ ନତୁବା ଅର୍ଥ ପ୍ରଦାନ କରାଯିବା, କଟନି, ଛଟନୀର ତଦନ୍ତ କରାଯିବା ନେଇ ସହକାରୀ ଯୋଗାଣ ବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧରେ ତାଳଚେର ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଜିଲା ଲିଗାଲ ସେଲ ଅଧ୍ୟକ୍ଷ ପେସ୍କାର ଗଡ଼ନାୟକ, ମିଡିଆସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ପ୍ରଶାନ୍ତ ନନ୍ଦ, ଅଖିଳ ସାମଲ, ଦୟାସାଗର ମିଶ୍ର, ଜ୍ଞାନେନ୍ଦ୍ରୀୟ ସେଠୀ, ଜଗଦୀଶ୍ୱର ସାହୁ, ବିନାୟକ ଜେନା ପ୍ରମୁଖ ସାମିଲ ହୋଇଥିଲେ।

